# ପୋଷଣ

**ଆସ କିଛି ପ୍ରଶ୍ନ ର ଉତ୍ତର ଦେବା ଓ ନିଜକୁ ଏହି ବିଷୟ ସହିତ ଯୋଡି ରଖିବା**

A. ପ୍ରତ୍ୟେକ ପ୍ରଶ୍ନପାଇଁ ଚାରୋଟି ସମ୍ଭାବ୍ୟ ଉତ୍ତର ଦିଆଯାଇଅଛି । ତନ୍ମଧ୍ୟରୁ ଠିକ ଉତ୍ତରଟି ବାଛି ଲେଖ ।

1. କେଉଁଟି ଅନ୍ତଃପରଜୀବୀ ଅଟେ ?

   ମଲାଙ୍ଗ, ନିର୍ମୂଳୀ , ରାଫ୍ଳେସିଆ , ପ୍ଲାସ୍ମୋଡିୟମ

2. କେଉଁ ପ୍ରାଣୀଠାରେ ମୃତୋପଜୀବୀୟ ପୋଷଣ ଦେଖାଯାଏ ?

   ଛତୁ , ଇଷ୍ଟ , ଜୋକ , ବ୍ୟାକ୍ଟେରିଆ

3. ମନୁଷ୍ୟ ଶରୀରର କେଉଁ ଅଂଶଟି ଲମ୍ବା ଟ୍ୟୁବ ପରି ?

ମଳାଶୟ, ମଳଦ୍ୱାର , ଗ୍ରାସନଳୀ , ପାକନଳୀ

4. ପାକନଳୀର ଚଳନକୁ କ'ଣ କୁହାଯାଏ ?

ସଂବାତନ , ପୁରଃସରଣ, ଅନୁସରଣ, ପୁନଃସରଣ

5. ଆମ ପାଟିରେ କେତେଯୋଡା ଲାଳଗ୍ରନ୍ଥି ଅଛି ?

1, 2, 3, 4

6. ଗ୍ରହଣୀରେ ଶେଷ ଅଂଶକୁ କ'ନ କୁହାଯାଏ ?

ଇଲିୟମ , ବୃହଦନ୍ତ୍ର, ଅଧିଜିହ୍ୱା , ଯେଜୁନମ

7. ଯକୃତରୁ କେଉଁ ତରଳ ପଦାର୍ଥ କ୍ଷରିତ ହୁଏ ?

ଲାଳ, ପିତ୍ତ , ଗନ୍ଧକାମ୍ଳ , ଆମିନୋ ଅମ୍ଳ

8. ଉକୁଣି କେଉଁ ପ୍ରକାର ପୋଷଣର ଉଦାହରଣ ଅଟେ ?

ଅନ୍ତଃସହଜୀବୀ , ବାହ୍ୟସହଜୀବୀ , ବାହ୍ୟପରଜୀବୀ, ଅନ୍ତଃପରଜୀବୀ

9. ଜୀବଶରୀରରେ ପରିପାକ ପରେ ସରଳୀକୃତ ଖାଦ୍ଯରେ କ'ଣ ଘଟିଥାଏ ?

ସଂବାତନ , କ୍ଷରଣ , ପୁରଃସରଣ , ଆତ୍ମିକରଣ

10. ଉଦ୍ଭିଦଜାତ ପଦାର୍ଥ ଭକ୍ଷଣ କରୁଥିବା ପ୍ରଣିମାନଙ୍କୁ କ'ଣ କୁହାଯାଏ ?

ମାଂଶହାରୀ , ସର୍ବହାରୀ , ତୃଣଭୋଜୀ , ଶାକାହାରୀ

11. ଶରୀରରେ ସ୍ନେହସାର କେଉଁ ରୂପରେ ସଞ୍ଚିତ ହୋଇ ରହିଥାଏ ?

ଚର୍ବି , ମାଂସ , ରକ୍ତ , ପ୍ରଲସି

12. ଶରୀରରେ ବୃଦ୍ଧି ଏବଂ ନୂତନ କୋଷ ଓ ତନ୍ତୁ ଗଠନ ପାଇଁ କ'ଣ ଆବଶ୍ୟକ ?

ଶ୍ୱେତସାର , ପୁଷ୍ଟିସାର , ସ୍ନେହସାର , ଧାତୁସାର

13. କୋଷିୟ ଶ୍ୱସନ ବେଳେ କାହାର ଜାରଣ ଫଳରେ $CO_2$ ଓ $H_2O$ ସୃଷ୍ଟି ହୁଏ ?

ଶ୍ୱେତସାର , ପୁଷ୍ଟିସାର, ସ୍ନେହସାର , ଖଣିଜଲବଣ

14. କେଲଭିନ ଚକ୍ରରେ 12 ଟି PGA କିପରି ସୃଷ୍ଟି ହୁଏ ?

6NADP + $6CO_2$ , 6NADPH + $6O_2$ , 6FD-NADP + $6O_2$ , 6RuBP + $6CO_2$

15. "ଆଲୋକଶ୍ଲେଷଣ ପାଇଁ ପତ୍ରହରିତ ଆବଶ୍ୟକ" ଏହି ପରୀକ୍ଷଣ ସମ୍ବନ୍ଧୀୟ କେଉଁ ଉକ୍ତିଟି ଠିକ ଅଟେ ?

(A) ଗୋଟିଏ ଗଛରେ ସୁସ୍ଥ ସବୁଜ ପତ୍ର ବଛାଯାଉ ।

(B) ପତ୍ରକୁ ଟ୍ରେସିଙ୍ଗ କାଗଜ ଉପରେ ରଖି ନକ୍ସା ନିଆଯାଉ ।

(C) ପତ୍ରଟିକୁ ଫୁଟନ୍ତା ସୁରସାରରେ ପକାଇ ବର୍ଣ୍ଣହୀନ କରାଯାଉ ।

(D) ବର୍ଣ୍ଣହୀନ ପତ୍ରକୁ ଆୟୋଡିନ ଦ୍ରବଣରେ ପକାଯାଉ ।

16. "ଆଲୋକଶ୍ଲେଷଣ ପାଇଁ ଆଲୋକ ଆବଶ୍ୟକ" ଏହି ପରୀକ୍ଷଣ ସମ୍ବନ୍ଧୀୟ କେଉଁ ଉକ୍ତିଟି ଠିକ ଅଟେ ??

(A) ପତ୍ରରେ କିଛି ଅଂଶକୁ କଳାକାଗଜ ଦ୍ୱାରା ଆବୃତ କରାଯାଉ ।

(B) ଗଛଟିକୁ ସୂର୍ଯ୍ୟାଲୋକରେ 2 ରୁ 3 ଦିନ ପର୍ଯ୍ୟନ୍ତ ରଖାଯାଉ ।

(C) ସବୁଜ ପତ୍ରଟି ଫୁଟନ୍ତା ସୁରାସାରରେ ବର୍ଣ୍ଣହୀନ ହେବ ।

(D) ମଣ୍ଡଦ , ଆୟୋଡିନ ସମ୍ପର୍ଷରେ ନୀଳବର୍ଣ୍ଣ ଧାରଣ କରିବ ।

17. ପାକନଳୀରେ ଗଠନ ଓ ଅବସ୍ଥାନ ଅନୁଯାୟୀ କେଉଁ ଉକ୍ତିଟି ଠିକ ନୁହେଁ ?

(A) ଆମ୍ଭର 3 ଯୋଡା ଲାଳଗ୍ରନ୍ଥି ଅଛି ।

(B) ଗ୍ରସନୀ ପଛକୁ ମୁଖଗହ୍ବର ରହିଥାଏ ।

(C) ଉଦରଗହ୍ବର ବାମପଟେ ପାକସ୍ଥଳୀ ଅବସ୍ଥିତ ।

(D) କ୍ଷୁଦ୍ରାନ୍ତ୍ର ପରେ ବୃହଦନ୍ତ୍ର ରହିଥାଏ ।

18. କେଉଁଟି ଅପଚୟର ଉଦାହରଣ ?

ଆଲୋକଶ୍ଳେଷଣ , ପୋଷଣ , ରସାୟଶ୍ଳେଶଣ , ଜାରଣ

19. କେଉଁ ପ୍ରକାର ଖାଦ୍ୟ ଶରୀରକୁ ଉଷୁମ ରଖିବାରେ ସାହାଯ୍ଯ କରେ ?

ଶ୍ୱେତସାର , ପୁଷ୍ଟିସାର , ସ୍ନେହସାର , ଧାତୁସାର

20. ଏମିନୋଅମ୍ଳର ଶୃଙ୍ଖଳଦ୍ୱାରା କ'ଣ ଗଠିତ ହୋଇଥାଏ ?

ପୁଷ୍ଟିସାର , ଶ୍ୱେତସାର , ସ୍ନେହସାର , ଧାତୁସାର

21. ତାପ ଅପରିବାହୀ ହୋଇଥିବାରୁ କିଏ ଶରୀରକୁ ଉଷୁମ ରଖିବାରେ ସାହାଯ୍ଯ କରେ ?

ରକ୍ତ , ସ୍ନାୟୁ , ପ୍ରଲସି , ଚର୍ବି

22. ଜୀବ ଶରୀରରେ ଶକ୍ତି ଆହରଣ ଓ ଉପାଦାନ ସଂଗ୍ରହ କାହାଦ୍ବାରା ହୋଇଥାଏ ?

ପୋଷଣ , ଶୋଷଣ, ନିୟନ୍ତ୍ରଣ , ସଂଚାଳନ

23. କେଉଁ ଜୀବାଣୁ ଆମ ଅନ୍ତଃନଳୀରେ ସହଜୀବୀ ଭାବେ ରହିଥାଏ ?

ଇ. କୋଲାଇ , ନାଇଟ୍ରେଟ ବ୍ୟକ୍ଟେରିଆ , ଗନ୍ଧକ ବ୍ୟକ୍ଟେରିଆ ,
ରସାୟନଶ୍ଳେଷଣ ବ୍ୟକ୍ଟେରିଆ

24. ଇ.କୋଲାଇ କେଉଁ ଭିଟାମିନ ପ୍ରସ୍ତୁତ କରି ଆମକୁ ଯୋଗାଇଥାଏ ?

ଭିଟାମିନ-A , ଭିଟାମିନ-$B_{12}$ , ଭିଟାମିନ-c , ଭିଟାମିନ-D

**25 . 01** ଗ୍ରାମ ଶ୍ୱେତସାରରୁ ପ୍ରାୟ କେତେ KJ ଶକ୍ତି ନିର୍ଗତ ହୁଏ ?

8, 16, 32, 64

B. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

1. ଯେକୌଣସି ଗୋଟିଏ ପ୍ରଶ୍ନ ର ଉତ୍ତର ଦିଅ ।

(i) ଖାଦ୍ଯର ପ୍ରକାରଭେଦକୁ ଉଦାହରଣ ସହ ଦର୍ଶାଅ ।

(ii) ଆଲୋକଶ୍ଳେଷଣ କଣ ? ଏହାର ଦୁଇଟି ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କର ।

**2.** ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ ।

(i) ଆଲୋକଶ୍ଳେଷଣରେ ହରିତଲବକର ଭୂମିକା ବର୍ଣ୍ଣନା କାର ।

(ii) ଗ୍ରାନୀ ଓ ଷ୍ଟ୍ରୋମା ମଧ୍ୟରେ 3ଟି ପାର୍ଥକ୍ୟ ଦର୍ଶାଅ ।

(iii) ମଣିଷ ପାକନଳୀର ଚିତ୍ର ଅଙ୍କନ କରି ବିଭିନ୍ନ ଅଂଶ ଦର୍ଶାଅ ।

3. ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଦିଅ ।

(i) ଶରୀର ପାଇଁ ଜଳର 2ଟି ଆବଶ୍ୟକତା ସମ୍ବନ୍ଧରେ ଲେଖ ।

(ii) NADP କ'ଣ ? ଏହା କିପରି NADPH ରେ ପରିଣତ ହୁଏ ?

(iii) ଚୟାପଚୟ ପ୍ରକ୍ରିୟାରେ 2ଟି ଆବଶ୍ୟକତା ଦର୍ଶାଅ ।